ବିଜେଡି ଦେଇଛି ମହିଳାଙ୍କୁ ତାଙ୍କ ହକ୍।
୨୧ରୁ ୨୧ରେ 'ବିଜେଡି'କୁ ଜିତାଇବା ଓଡ଼ିଶାର ହକ୍ ପାଇଁ ଲଢ଼ିବା।
ଚଳିତ ଲୋକସଭା ନିର୍ବାଚନରେ ଏକ ତୃତୀୟାଂଶ ମହିଳାଙ୍କୁ ପ୍ରାର୍ଥୀ କରିଛି ବିଜେଡି। କେନ୍ଦ୍ର ଯୋଜନାରେ ମହିଳାଙ୍କୁ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ମିଳୁଥିବା ବେଳେ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'ରେ ମିଳିବ ୧୦ ଲକ୍ଷ। 'ମିଶନ ଶକ୍ତି'ରେ ୫ ହଜାର କୋଟି ଟଙ୍କାର ବ୍ୟବସାୟ, ୫୦୦ କୋଟିର ଲାଭ। ବିନା ସୁଧରେ ୫ ଲକ୍ଷ ଟଙ୍କାର ଋଣ।
ବିଜୁ ଜନତା ଦଳ
ନବୀନ ଓଡ଼ିଶା : ସଶକ୍ତ ମହିଳା ସଶକ୍ତ ଓଡ଼ିଶା
'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା। ଦୁଇଥର। ଥରେ ଏମ୍.ପି.ପାଇଁ। ଥରେ ଏମ୍.ଏଲ୍.ଏ ପାଇଁ।

## ସଂକ୍ଷେପରେ

### ଗଛରେ ପିଟି ହୋଇ ବାଇକ୍ ଚାଳକ ମୃତ, ୨ ଗୁରୁତର

**ରାଇରଙ୍ଗପୁର, ୨୩।୪(ଡି.ଏନ.ଏ.):** ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଦାମୁଡିଗୋଡା ଗ୍ରାମ ନିକଟସ୍ଥ ବଡାମତଲିଆ-ବିଜାତଳା ରାସ୍ତାରେ ମଙ୍ଗଳବାର ଅପରାହ୍ଣରେ ଏକ ଗଛରେ ପିଟି ହୋଇ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ଅନ୍ୟଦୁଇ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଯୁଡିଆ ଗ୍ରାମର ମାଟୁ ମାଝୀ(୧୭) ଓ ଆହତ ଦ୍ୱୟ ହେଲେ ସୁରେଶ ମୁଣ୍ଡା(୧୮) ଏବଂ ସଞ୍ଜୀବ ଗିରି(୧୮)। ଆହତଙ୍କୁ ପ୍ରଥମେ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୁରେଶଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦା ସ୍ଥିତ ପି.ଆର.ଏମ ମେଡିକାଲକୁ ଚିକିତ୍ସା ଲାଗି ସ୍ଥାନାନ୍ତର କରାଯାଇଛି।

### ଲୋକେ ଭୋଟ ଦେଲେନି

**କପ୍ତିପଦା, ୨୩।୪(ଡି.ଏନ୍.ଏ):** କେନ୍ଦୁଝର ସଂସଦୀୟ କ୍ଷେତ୍ର ଅଧୀନ ମୟୂରଭଞ୍ଜ ଜିଲାର କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀ କପ୍ତିପଦା ବ୍ଲକ୍‌ର କମଲଗଡ଼ିଆ ପଞ୍ଚାୟତ ହରିସାହି ଓ ଶରତ ପଞ୍ଚାୟତର ସିଲେଇପୋଖରୀ ଓ କେଶପଡ଼ା ଗ୍ରାମର ଲୋକେ ବିଭିନ୍ନ ମୌଳିକ ସମସ୍ୟାକୁ ନେଇ ଭୋଟ୍ ବର୍ଜନ କରିଥିବା ଜଣାଯାଇଛି। ହରିସାହିର ଲୋକେ ସମ୍ପୂର୍ଣ୍ଣ ଭୋଟ୍ ବର୍ଜନ କରିଥିବା ବେଳେ ସିଲେଇପୋଖରୀ ଓ କେଶପଡ଼ା ଗ୍ରାମର ୫୦ପ୍ରତିଶତ ଲୋକ ଭୋଟ୍ ଦେଇ ନାହାନ୍ତି। ବାରମ୍ବାର ଦାବି ସତ୍ତ୍ୱେ ପାନୀୟ ଜଳ ଯୋଗାଣ, ରାସ୍ତା, ରାଶନ କାର୍ଡ଼, ଭତ୍ତା ଓ ଗୃହ ନିର୍ମାଣ କ୍ଷେତ୍ରରେ ପ୍ରଶାସନ ଟାଳଟୁଳ ନୀତି ଗ୍ରହଣ କରିଆସୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କପ୍ତିପଦା ବ୍ଲକ୍ ଗ୍ରାମ ପଞ୍ଚାୟତ ଅଧିକାରୀ ଶଶୀଶେଖର ଷଡ଼ଙ୍ଗୀଙ୍କୁ ପଚାରିବାରୁ କହିଛନ୍ତି ଏଠି କୌଣସି ବୁଥ୍ ଫାଙ୍କା ପଡି ନାହିଁ। ଭୋଟିଂ ହୋଇଛି, ମାତ୍ର କେଉଁ ସାହିର ଲୋକେ ଭୋଟ୍ ବର୍ଜନ କରିଛନ୍ତି ଅନୁସନ୍ଧାନ ପରେ ପଡିବ।

### ପୁରୁଣା ବାରିପଦାରେ ଆଜି ଧର୍ମେନ୍ଦ୍ରଙ୍କ ପ୍ରଚାର

**କୁଆମରା, ୨୩।୪। (ଡି.ଏନ.ଏ. )** ମୟୂରଭଞ୍ଜ ଜିଲାରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରଚାର ଜୋର ଧରିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଏହି ଜିଲାର ଉଦଳା ନିର୍ବାଚନ ମଣ୍ଡଳୀ ଗୋପବନ୍ଧୁ ନଗର ବ୍ଲକ ଅଧୀନ ପୁରୁଣା ବାରିପଦା ଗସ୍ତରେ ଆସି ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାସ୍କର ଚନ୍ଦ୍ର ମଢେଇ ଓ ଏମପି ପ୍ରାର୍ଥୀ ବିଶେଶ୍ୱର ଟୁଡୁଙ୍କ ପାଇଁ ପ୍ରଚାର କରିବା କାର୍ଯ୍ୟକ୍ରମ ରହିଛି। ସେ ମଧ୍ୟାହ୍ନ ୧ଟା ୩୦ ମିନିଟ୍‌ରେ ଆସି ପହଞ୍ଚିବେ ବୋଲି ଦଳ ସୂତ୍ରରୁ ଜଣାପଡ଼ିଛି। ଏହି ପ୍ରଚାର ସଭାକୁ ସଫଳ କରିବା ଲାଗି ଦଳର କର୍ମୀ ଓ ସମର୍ଥକମାନେ ଲାଗି ପଡିଛନ୍ତି।

### ଓଡିଆ ବିଭାଗ ମୁଖ୍ୟ ଅଧ୍ୟାପକ ଟଙ୍କଧରଙ୍କ ପରଲୋକ

**ବେତନଟୀ ୨୩।୪ (ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବେତନଟୀ ମହାବିଦ୍ୟାଳୟର ଓଡିଆ ବିଭାଗର ମୁଖ୍ୟ ଅଧ୍ୟାପକ ଟଙ୍କଧର ରାଉତ୍‌ଙ୍କର ମଙ୍ଗଳବାର ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲ୍‌ରେ ମୃତ୍ୟୁ ଘଟିଛି। ତାଙ୍କୁ ୫୮ ବର୍ଷ ହୋଇଥିଲା। କିଛି ଦିନ ହେବସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧିନ ଥିଲେ। ସୋମବାରତାଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ତାଙ୍କୁ ପ୍ରଥମେ ବେତନଟୀ ଡାକ୍ତରଖାନା ଓ ପରେ ବାରିପଦା ପି.ଆର୍.ଏମ୍. ମେଡିକାଲ୍ କଲେଜ ନିଆଯାଇ ସେଠାରୁ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ମରଶରୀରକୁ ମଙ୍ଗଳବାର ସଠିଲୋସ୍ଥ ବାସ ଭବନକୁ ଅଣାଯିବା ପରେ ବେତନଟୀ ମହାବିଦ୍ୟାଳୟକୁ ଆଣି ସେଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିଲାଗି ଏକ ଶୋକସଭାର ଆୟୋଜନ କରାଯାଇ ମହାବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଥିଲା।

## କରଞ୍ଜିଆ ନିର୍ବାଚନ ମଣ୍ଡଳୀର ସରିଲା ଭୋଟ

# ଇଭିଏମ୍‌ରେ ୧୦ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍


ଲାବଣ୍ୟଦେଇପୁର ପଞ୍ଚାୟତ ହୁଡିସାହି ବୁଥ୍‌ରେ ମହିଳାମାନେ ଭୋଟ ଦେବା ପାଇଁ ଧାଡିରେ ଯାଉଛନ୍ତି।

**ବାରିପଦା ଅଫିସ, ୨୩।୪**

କେନ୍ଦୁଝର ଲୋକ ସଭା କ୍ଷେତ୍ର ଅଧୀନ ମୟୂରଭଞ୍ଜ ଜିଲା କରଞ୍ଜିଆ ନିର୍ବାଚନ ମଣ୍ଡଳୀରେ ମଙ୍ଗଳବାର ଭୋଟ ଗ୍ରହଣ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। କେତେକ ସ୍ଥାନରେ ଇଭିଏମ ମେଶିନ ଅଚଳ ହେବାରୁ ଭାଟ ଗ୍ରହଣ ବାଧାପ୍ରାପ୍ତ ହୋଇଥିଲା। ସକାଳ ୭ଟାରୁ ଭୋଟ ଗ୍ରହଣ ପାଇଁ ସମୟ ଧାର୍ଯ୍ୟ ହୋଇଥିବାରୁ ଭୋଟରମାନେ ଆସି ଭୋଟ ଗ୍ରହଣ କେନ୍ଦ୍ରଗୁଡ଼ିକରେ ଭିଡ଼ ଜମାଇଥିଲେ। ଇଭିଏମ ମେଶିନ ଠିକ୍ ଭାବେ କାର୍ଯ୍ୟ ନ କରିବାରୁ କେତେକ ବୁଥରେ ୮ ଟା ଏବଂ ଅନ୍ୟ କେତେକ ବୁଥରେ ପୂର୍ବାହ୍ନ ୧୦ ଟା ପରେ ମତଦାନ ଆରମ୍ଭ ହୋଇଥିଲା। ତେବେ କୌଣସି ଭୋଟ ଗ୍ରହଣ କେନ୍ଦ୍ରରେ ସେଭଳି କିଛି ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଜଣାପଡିଛି।

କପ୍ତିପଦାବ୍ଲକ ଲାବଣ୍ୟ ଦେଇପୁର ପଞ୍ଚାୟତ ହୁଡ଼ିସାହି ବୁଥ୍‌ରେ ସ୍ଥାନୀୟ ଲୋକେ ଭୋଟ ବର୍ଜନ ଚେତାବନୀ ଦେଇଥିଲେ ମଧ୍ୟ ପରେ ନିଷ୍ପତ୍ତିରୁ ଓହରି ଯାଇଥିଲେ। ସେଠାରେ ପୂର୍ବାହ୍ନ ୧୦ ପରେ ଭୋଟ ଗ୍ରହଣ ଆରମ୍ଭ ହୋଇଥିବା କୁହାଯାଉଛି।

ଭୋଟ ଗ୍ରହଣ ଶେଷହେବା ପରେ ନିର୍ବାଚନ ମଇଦାନରେ ଥିବା ୧୦ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ ମେଶିନରେ ସିଲ୍ ହୋଇଯାଇଛି। ଆସନ୍ତା ମେ ୨୩ ତାରିଖରେ ଭୋଟ ଗଣତି କରାଯିବ। ଏହି ନିର୍ବାଚନ ମଣ୍ଡଳୀରେ ଭାଜପାରୁ ପଦ୍ମ ଚରଣ ହାଇବୁରୁ, ବିଜେଡିରୁ ବାସନ୍ତୀ ହେମ୍ବ୍ରମ, କଂଗ୍ରେସରୁ ସୁଦାମ ଚରଣ ନାଏକ, ଅଲଇଣ୍ଡିଆ ତୃଣମୂଳ କଂଗ୍ରେସରୁ ଜବାମଣି ଟୁଡୁ, ଏସୟୁସିଆଇ(କମ୍ୟୁନିଷ୍ଟ)ରୁ ବାଜୁରାମ ସିଦୁ, ଅଖିଳ ଭାରତୀୟ ହିନ୍ଦୁ ମହାସଭାରୁ ରଘୁନାଥ ନାୟକ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ବୈଦ୍ୟନାଥ ସିଂ, ସମାଇ ଚରଣ ପୂର୍ତ୍ତି, ସୁଜିତ କୁମାର ଲୁଗୁନ ଓ ସୁବାସ ଚନ୍ଦ୍ର ହେମ୍ବ୍ରମ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ନିର୍ବାଚନ ମଣ୍ଡଳୀ ଅଧୀନ କରଞ୍ଜିଆ ବ୍ଲକର ୧୫ ପଞ୍ଚାୟତ, କରଞ୍ଜିଆ ଏନଏସିର ୧୫ ୱାର୍ଡ, ଠାକୁରମୁଣ୍ଡା ବ୍ଲକର ୧୮ ପଞ୍ଚାୟତ ଏବଂ କପ୍ତିପଦା ବ୍ଲକର ୯ ପଞ୍ଚାୟତରେ ମୋଟ ଭୋଟର ସଂଖ୍ୟା୧ଲକ୍ଷ ୮୬ ହଜାର ୫୪୬ ଥିଲା। ମତଦାନ ପାଇଁ ମୋଟ ୨୪୧ଟି ବୁଥ ଖୋଲାଯାଇଥିଲା। ୮ ଟି ବୁଥ ସମ୍ବେଦନଶୀଳ ଚିହ୍ନଟ ହୋଇଥିବାବେଳେ ୧୭ଟି ବୁଥ ଅଞ୍ଚଳରେ ମୋବାଇଲ ଟାୱାର ନ ଥିବାରୁ ପୋଲିସ ବିଭାଗର ଭିଏଚଏଫ ବ୍ୟବହାର କରାଯାଇଥିଲା।

## ପ୍ରତିଶ୍ରୁତି ପରେ ଭୋଟ ବର୍ଜନ ନିଷ୍ପତ୍ତିରୁ ଓହରିଲେ ଗ୍ରାମବାସୀ

**କପ୍ତିପଦା, ୨୩।୪(ଡି.ଏନ୍.ଏ)**

କେନ୍ଦୁଝର ଲୋକ ସଭା ଆସନ ଅଧୀନ ମୟୂରଭଞ୍ଜ ଜିଲା କରଞ୍ଜିଆ ବିଧାନସଭା କ୍ଷେତ୍ରରେ ମଙ୍ଗଳବାର ଭୋଟ ଗ୍ରହଣ ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଛି। ଏହି ବିଧାନସଭା ନିର୍ବାଚନମଣ୍ଡଳୀର ଥିବା କପ୍ତିପଦା ବ୍ଲକ୍‌ର ୯ ପଞ୍ଚାୟତ କଳମଗଡିଆ, ରାମଚନ୍ଦ୍ରପୁର, ନଟୋ, ଶରତ, ସରଡିହା, ଲାବଣ୍ୟଦେଇପୁର, ଦେୱାନବାହାଳୀ, ପଦ୍ମପୋଖରୀ ଓ ରାଣୀପୋଖରୀ ଅଞ୍ଚଳର ଭୋଟର ବୁଥ୍ ଆଗରେ ଭିଡ ଜମାଇ ଧାଡିରେ ଯାଇ ମତାଧିକାର ସାବ୍ୟସ୍ତ କରିଥିଲେ। ପ୍ରଶାସନର ପ୍ରତିଶ୍ରୁତି ପରେ କପ୍ତିପଦା ବ୍ଲକ୍ ଲାବଣ୍ୟଦେଇପୁର ପଞ୍ଚାୟତର ୧୦ ଓ ୧୧ ନମ୍ବର ୱାର୍ଡ ଅଧୀନ ଚତୁରିସାହି, ହୁଡିସାହି ଓ ବଡ଼ଶାଳ ଗ୍ରାମର ଲୋକେ ଭୋଟ ବର୍ଜନ ନିଷ୍ପତ୍ତିରୁ ଓହରି ବୁଥ୍‌କୁ ଆସି ଭୋଟ ଦେଇଥିଲେ।

କପ୍ତିପଦା ବ୍ଲକର ୯ ପଞ୍ଚାୟତରେ ମୋଟ ୩୭ ବୁଥ୍ ଖୋଲିଥିଲା। କୌଣସି ଉତ୍ତେଜନା ପ୍ରବଣ ବୁଥ୍ ଏଠାରେ ଚିହ୍ନଟ ହୋଇ ନ ଥିଲା। ଏହାସତ୍ତ୍ୱେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା। ଉକ୍ତ ବିଧାନସଭା କ୍ଷେତ୍ରରେ ଶରତ ବୁଥ ଉତ୍ତେଜନା ପ୍ରବଣ ଭାବେ ଚିହ୍ନଟ ହୋଇଥିଲା। ତେବେ ଭୋଟ ଗ୍ରହଣ ବେଳେ କୌଣସି ସ୍ଥାନରେ କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବା ଖବର ମିଳି ନାହିଁ ବୋଲି କପ୍ତିପଦା ବିଡିଓ ରବୀନ୍ଦ୍ର କୁମାର ମଲିକ୍ ସୂଚନା ଦେଇଛନ୍ତି। ଉଲ୍ଲେଖନୀୟ ଯେ, ଲାବଣ୍ୟଦେଇପୁର ପଞ୍ଚାୟତର ୧୦ ଓ ୧୧ ନମ୍ବର ୱାର୍ଡ ଅଧୀନ ଚତୁରିସାହି, ହୁଡ଼ିସାହି ଓ ବଡ଼ଶାଳ ଗ୍ରାମର ଲୋକେ ପାନୀୟଜଳ ଆଦି ବିଭିନ୍ନ ସମସ୍ୟା ନେଇ ଭୋଟ ବର୍ଜନ ଚେତାବନୀ ଦେଇଥିଲେ। ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସୋମବାର ଉକ୍ତ ଗ୍ରାମକୁ ଆସି ଲୋକଙ୍କ ସହିତ ଆଲୋଚନା କରିଥିଲେ। କୌଣସି ସମାଧାନର ସୂତ୍ର ବାହାରି ନ ପାରିବାରୁ ଗ୍ରାମବାସୀ ଭୋଟ ବର୍ଜନ ଜିଦ୍‌ରେ ଅଟଳ ରହିଥିଲେ। ପରେ କପ୍ତିପଦା ବିଡିଓ ମଲିକ୍ ଓ ଶରତ ଥାନାଧିକାରୀ ପ୍ରମୁଖ ଗାଁକୁ ଆସି ଲୋକଙ୍କ ସହିତ ଆଲୋଚନା କରି ପାନୀୟ ଜଳ ସମସ୍ୟାର ପ୍ରତିକାର ନ ହେବା ପର୍ଯ୍ୟନ୍ତ ଟ୍ୟାଙ୍କରରେ ପାଣି ଯୋଗାଣ ଓ ରାଶନକାର୍ଡ, ଭତ୍ତା ଓ ଘର ସମ୍ପର୍କରେ ଆଚରଣ ବିଧି ଉଠିବା ପରେ ଯୋଗ୍ୟ ହିତାଧିକାରୀଙ୍କ ଚୟନ କରି ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ଶାନ୍ତ ପଡିଥିଲା। ତଦନୁଯାୟୀ ଲୋକେ ଭୋଟ ବର୍ଜନ ନିଷ୍ପତ୍ତିରୁ ଓହରି ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ପ୍ରଶାସନ ପ୍ରତିଶ୍ରୁତି ରକ୍ଷା କରି ଅଞ୍ଚଳବାସୀଙ୍କ ସମସ୍ୟାର ପ୍ରତିକାର କରିବେ ବୋଲି ଗ୍ରାମର ରାମ ସିଂ, ସାଧୁ ସିଂ ଓ ହରି ସିଂ ପ୍ରମୁଖ ଆଶା ବ୍ୟକ୍ତ କରିଛନ୍ତି।

## ବିଏସ୍‌ପି ପାଇଁ ପ୍ରଚାର କଲେ ଶ୍ରୀକାନ୍ତ


ପଥପ୍ରାନ୍ତ ସଭାରେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସହ ବିଏସପି ପ୍ରାର୍ଥୀ ଓ ସମର୍ଥକମାନେ।

**ବଡ଼ସାହି, ୨୩।୪(ସ୍ୱ.ପ୍ର)**

ମୟୂରଭଞ୍ଜ ଜିଲା ବଡ଼ସାହି(ସଂ) ନିର୍ବାଚନ ମଣ୍ଡଳୀରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି)ପକ୍ଷରୁ ମଙ୍ଗଳବାର ରୋଡ୍ ଶୋ ସାଙ୍ଗକୁ ପଥପ୍ରାନ୍ତ ସଭା କରାଯାଇଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଯୋଗଦେଇ ବିଏସ୍‌ପି ଲାଗି ପ୍ରଚାର କରି ଜନସାଧାରଣଙ୍କୁ ଭୋଟ ଭିକ୍ଷା କରିଥିଲେ। ସେ କହିଥିଲେ, ଦୁର୍ନୀତି ମୁକ୍ତ ନିର୍ବାଚନ ମଣ୍ଡଳୀ ଗଠନ ଲାଗି ତଳସ୍ତରରୁ ଉଦ୍ୟମ ହେବା ଦରକାର। ବିଏସ୍‌ପି ବିଧାୟକ ପ୍ରାର୍ଥୀ ସଞ୍ଜୟ କୁମାର ଜେନାଙ୍କୁ ହାତୀ ଚିହ୍ନରେ ମୋହର ମାରି ଜୟଯୁକ୍ତ କରାଇଲେ ସେ ଲୋକଙ୍କୁ ଉଚିତ ସେବା ଯୋଗାଇ ପାରିବେ।

ବଡ଼ସାହି ନିର୍ବାଚନ ମଣ୍ଡଳୀରେ ବିଏସପି କର୍ମୀମାନେ ମଙ୍ଗଳପୁରଠାରୁ ଏକ ବାଇକ ରାଲିରେ ଆସି ଭୀମଦା, ମାଣତ୍ରୀ, ବଡ଼ସାହି ଓ ପ୍ରତାପପୁରଠାରେ ପଥପ୍ରାନ୍ତ ସଭା କରିଥିଲେ। ଏଥିରେ ନେତା ଓ ଦଳର ପ୍ରାର୍ଥୀ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କେନ୍ଦ୍ରୀୟ କଂଗ୍ରେସ ଦଳ ୭ଶହ କୋଟି ଟଙ୍କାର ଖଣି ଚୋରଙ୍କୁ ଦଳ ଦାୟିତ୍ୱ ଦେବା ନେଇ ଶ୍ରୀକାନ୍ତ ସମାଲୋଚନା କରି ଏହାର ଉଚିତ ଜବାବ ଦେବାକୁ ସେ ଭୋଟରମାନଙ୍କୁ ନିବେଦନ କରିଥିଲେ। ପ୍ରତାପପୁରଠାରେ ପଥପ୍ରାନ୍ତ ସଭା ହେବା ଅବସରରେ ଅଞ୍ଚଳର ସଂଗଠିତ ମହିଳାମାନେ ମଦ କାରବାର ବନ୍ଦ କରିବା ପାଇଁ ଆନ୍ଦୋଳନ କରିଥିଲେ। ରାଜ୍ୟରେ ଆମ ସରକାର ଆସିଲେ ଓଡ଼ିଶା ମଦମୁକ୍ତ ହେବ ବୋଲି ଜେନା ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବଡ଼ସାହି ନିର୍ବାଚନ ମଣ୍ଡଳୀରେ ବିଏସପି ପାଇଁ ପ୍ରଚାର ମଙ୍ଗ ଧରିଥିବା ଶ୍ରୀକାନ୍ତ କଂଗ୍ରେସ ଦଳ ଲାଗି କ୍ଷତି ପହଞ୍ଚାଇବେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ ନ୍ୟାୟ ସଙ୍ଗଠନର ଆବାହକ ଅକ୍ଷୟ କୁମାର ମଲ୍ଲିକ, ପ୍ରତାପପୁର ସମିତିସଭ୍ୟ ପାର୍ଥ ସାରଥି ପଣ୍ଡା, ଖଗେଶ୍ୱର ନାୟକ ପ୍ରମୁଖ ଭୋଟରଙ୍କୁ ଉପଯୁକ୍ତ ପ୍ରାର୍ଥୀ ବାଛିବା ଲାଗି ନିବେଦନ କରି ଯୁବନେତାଙ୍କୁ ଜିତାଇବା ସକାଶେ ଅନୁରୋଧ କରିଥିଲେ।

## ଗାନ୍ଧୀ ପାର୍କରେ ସନ୍ଦିଗ୍ଧ ଅପରାଧୀ ଗ୍ୟାଙ୍ଗ

### ■ ମାଷ୍ଟର ମାଇଣ୍ଡଙ୍କ ସମେତ ୨ ଗିରଫ ■ ୫ ଫେରାର

**ବାରିପଦା ଅଫିସ, ୨୩।୪**

■ବନ୍ଧୁକ ଓ ମାରଣାସ୍ତ୍ର ଜବତ
■ଖସି ପଳାଇଥିବା ଅଭିଯୁକ୍ତଙ୍କୁ ଧରିବା ଲାଗି ତନାଘନା
■ପୋଲିସ ସୁରକ୍ଷା ବ୍ୟବସ୍ଥା ଫେଲ୍ ମାରୁଥିବାରୁ ଉଦ୍‌ବେଗ

ନିର୍ବାଚନ ଲାଗି ସବୁଠି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି କରାଯାଇ ମୟୂରଭଞ୍ଜ ଜିଲାକୁ ପ୍ରବେଶ ଓ ପ୍ରସ୍ଥାନ କରୁଥିବା ଗାଡ଼ିମୋଟରଗୁଡ଼ିକୁ ଯାଞ୍ଚ କରାଯାଉଛି। ଯେ କୌଣସି ପରିସ୍ଥିତିକୁ ସାମ୍ନା କରିବାକୁ ପ୍ରଶାସନ ପ୍ରସ୍ତୁତ ରହିଥିବା ପୋଲିସ ପକ୍ଷରୁ କୁହାଯାଉଛି। ଏପରିସ୍ଥଳେ ମଙ୍ଗଳବାର ବାରିପଦା ସହରର ଜନଗହଳିପୂର୍ଣ୍ଣ ଗାନ୍ଧୀ ପାର୍କରେ କେତେକ ସନ୍ଦିଗ୍ଧ ସଶସ୍ତ୍ର ଯୁବକ ଠୁଳ ହେବା ଏବଂ ସେମାନଙ୍କ ମଧ୍ୟରୁ ଜଣେ ଧରାପଡିବା ପରେ ତାଙ୍କ ନିକଟରୁ ଏକ ବନ୍ଧୁକ ଓ ବିଭିନ୍ନ ମାରଣାସ୍ତ୍ର ଜବତ ହେବା ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ସ୍ଥାନୀୟ ଲୋକେ ଏହି ସନ୍ଦିଗ୍ଧ ଯୁବକଙ୍କୁ ଧରି ଥାନା ଜିମା ଦେବା ପରେ ପୋଲିସ ତାଙ୍କୁ ଗିରଫ କରି ଅନ୍ୟ ସାଥୀଙ୍କୁ ଧରିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଉକ୍ତଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ କୁହାଯାଉଥିବା ବିଶୋଇ ଅଞ୍ଚଳର କୃଷ୍ଣ କର୍ମକାରଙ୍କୁ ପରେ ବାଲିଡିହାରୁ ଧରାଯାଇଛି। ଅନ୍ୟ ୫ ଜଣ ଫେରାର ରହିଛନ୍ତି। ଏମାନେ ବଡ ଧରଣର ଡକାୟତି କରିବାକୁ ଯୋଜନା କରିଥିଲେ ବୋଲି ପୋଲିସ ପକ୍ଷରୁ ମଙ୍ଗଳବାର ରାତିରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ ବାରିପଦା ସହରର ବ୍ୟବସାୟିକ ପେଣ୍ଠସ୍ଥଳୀ ଗାନ୍ଧୀ ମାର୍କେଟ ଓ ସଂଲଗ୍ନ ଗାନ୍ଧୀ ପାର୍କ ଭିତରେ ୬ ରୁ ୭ ଜଣ ଯୁବକ ସନ୍ଦେହ ଜନକ ଅବସ୍ଥାରେ ଚଲାବୁଲା କରୁଥିବା ପ୍ରାତଃ ଭ୍ରମଣରେ ଯାଇଥିବା କେତେକ ଲୋକେ ଦେଖି ଅନ୍ୟମାନଙ୍କୁ ଖବର ଦେଇଥିଲେ। ସମ୍ପୃକ୍ତ ଯୁବକମାନେ ଏହା ଜାଣି ପାରି ସେଠାରୁ ଖସି ପଳାଇ ଯିବାବେଳେ ଯାଦବାନନ୍ଦ ହେମ୍ବ୍ରମ୍ ନାମକ ଜଣେ ଯୁବକ ଲୋକଙ୍କ ହାବୁଡ଼ରେ ପଡିଯାଇଥିଲେ। ଧରାପଡିଥିବା ଏହି ଯୁବକଙ୍କୁ କାବୁ କରି ଲୋକେ ପୋଲିସ ଜିମାରେ ଦେଇଥିଲେ। ତାଙ୍କ ଠାରୁ ଏକ ବନ୍ଧୁକ ଓ ବିଭିନ୍ନ ମାରଣାସ୍ତ୍ର ଜବତ ହୋଇଥିବା ପୋଲିସ କହିଛି। ଅଭିଯୁକ୍ତଙ୍କ ଘର ବାଙ୍ଗିରିପୋଷି ଥାନା ଅଞ୍ଚଳରେ।

ଆସନ୍ତା ୨୯ ତାରିଖରେ ଜିଲାରେ ନିର୍ବାଚନ ହେବାକୁ ଥିବାବେଳେ ଏହି ସନ୍ଦିଗ୍ଧ ଯୁବକମାନେ ଏଠାକୁ ଡକାୟତି କରିବାକୁ କିମ୍ବା ଅନ୍ୟ କୌଣସି ଉଦ୍ଦେଶ୍ୟରେ ଆସିଥିଲେ, ସେ ନେଇ ସାଧାରଣରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଜିଲା ପୋଲିସ ପକ୍ଷରୁ ଦିନରାତି ସହରର ପ୍ରମୁଖ ପ୍ରବେଶ ପଥଗୁଡିକୁ ବ୍ଲକିଂ କରି ଯାଞ୍ଚ କରୁଥିବା ସତ୍ତ୍ୱେ ଏହି ଯୁବକମାନେ ମାରଣାସ୍ତ୍ର ଧରି କିପରି ସହରକୁ ପଶିଲେ, ସେ ନେଇ ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ଧରାପଡିଥିବା ଦୁଇ ଅଭିଯୁକ୍ତଙ୍କୁ ଜେରା ପରେ ସେମାନେ ଡକାୟତି କରିବାକୁ ଯୋଜନା କରିଥିବା ନେଇ ପୋଲିସ କହିଛି। ଗ୍ୟାଙ୍ଗର ଅନ୍ୟ ୫ ଜଣ ଖସି ପଳାଥିବାରୁ ସେମାନଙ୍କୁ ଧରିବା ଲାଗି ଜିଲାର ସୀମାନ୍ତ ଅଞ୍ଚଳସମେତ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି। ବାରିପଦା ସଦର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସଡିପିଓ କେ.ପି. ପଟ୍ଟନାୟକ ଏବଂ ଟାଉନ ଥାନା ଆଇଆଇସି ଅଶୋକ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଶାଳକାଠ ବୋଝେଇ ଭ୍ୟାନ ଜବତ

**ବଡ଼ସାହି, ୨୩।୪(ସ୍ୱ.ପ୍ର)**


ଶାଳକାଠ ସହ ପିକ୍‌ଅପ୍ ଜବତ।

ବଡସାହି ବ୍ଲକ ଅଧୀନ ବାଘମରା ଅଞ୍ଚଳରୁ ଏକ ଶାଳକାଠ ବୋଝେଇ ପିକ୍‌ଅପ୍ ଭ୍ୟାନ ସମେତ ଗୋଟିଏ ପଲସ୍‌ର ବାଇକକୁ ସୋମବାର ରାତିରେ ବେତନଟୀ ରେଞ୍ଜ ବନବିଭାଗ ଜବତ କରିଛି। ଚୋରାକାଠ ଚାଲାଣନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଅନ୍ଧାରର ସୁଯୋଗ ନେଇ କାଠ ଚୋରମାନେ ଫେରାର ହୋଇଯାଇଥିଲେ। ଭ୍ୟାନ୍‌ରେ ୯ଖଣ୍ଡ ଶାଳଗଣ୍ଡି ବୋଝେଇ ହୋଇଥିବା ବେଳେ ମୋଟ ୩୦.୫୪ ସିଫ୍ଟ କାଠ ରହିଛି, ଯାହାର ବଜାର ମୂଲ୍ୟ ୫୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବିଭାଗ ସୂତ୍ରରୁ ପ୍ରକାଶ। ପଲସର ବାଇକଟି ଜୀବନ ବିଶ୍ୱାଳ ନାମରେ ପଞ୍ଜୀକୃତ ଥିବାବେଳେ ଭ୍ୟାନରେ ଭୁଲନମ୍ବର ଲଗାଯାଇ ଚୋରାକାଠ ଚାଲାଣ ପାଇଁ ବ୍ୟବହାର କରାଯାଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଚଢାଉରେ କୃଷ୍ଣଚନ୍ଦ୍ରପୁର ବନପାଳ ଲକ୍ଷ୍ମୀକାନ୍ତ ବେହେରା, ବେତନଟୀ ବନପାଳ ସୁଶାନ୍ତ ବାଗଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## 'ରୋଡ୍ ଶୋ' ପାଇଁ ପ୍ରସ୍ତୁତି

**ବେତନଟୀ ୨୩।୪ (ଡି.ଏନ୍.ଏ.):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ବୁଧବାର ବଡସାହି ନିର୍ବାଚନ ମଣ୍ଡଳୀ ଅଧୀନ ବୈଶିଙ୍ଗାରୁ ମାଣତ୍ରୀ ବଡସାହି ଦେଇ ରୋଡ୍ ଶୋ କରିବା କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୫ଟା ସମୟରେ ସେ ବୈଶିଙ୍ଗା ଠାରେ ପହଞ୍ଚିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ବୋଲି ସମୟ ନିର୍ଦ୍ଧାର୍ଯ୍ୟ ହୋଇଛି। କଳମାଠାରୁ ରୋଡ୍ ଶୋ ଆରମ୍ଭ ହୋଇ ବୈଶିଙ୍ଗା, ମାଣତ୍ରୀ, ବଡସାହି, ଡୁକୁରା, ସାନ କେରକ ଦେଇ ବାରିପଦା ପର୍ଯ୍ୟନ୍ତ ଯିବାର କାର୍ଯ୍ୟକ୍ରମ ଥିବାରୁ ଏଥିଲାଗି ପୋଲିସ ଓ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି।

## ସଂକ୍ଷେପରେ

### ଭାସ୍କର ହେଲେ ବୋଡ଼କ ପଞ୍ଚାୟତ କଂଗ୍ରେସ ସଭାପତି

**ତିହିଡ଼ି, ୨୩।୪ (ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ବ୍ଲକ ବୋଡ଼କ ପଞ୍ଚାୟତର କଂଗ୍ରେସ ସଭାପତି ଭାବେ ବୋଡ଼କ ଗାଁର ଭାସ୍କର ନାଥ ମନୋନୀତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ପଞ୍ଚାୟତରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ନିର୍ବାଚନ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଭାସ୍କରଙ୍କୁ ପଞ୍ଚାୟତ କଂଗ୍ରେସ ସଭାପତି ଏବଂ ଗଙ୍ଗାଧର ପତିଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ବୈଠକରେ ୱାର୍ଡସଭ୍ୟ ଲକ୍ଷ୍ମୀଧର ମଳିକ ଓ ନୃସିଂହ ବେହେରା, ଅର୍ଜୁନ ପାତ୍ରୀ, ଶଶୀ ଜେନା, ଅଜୟ କବି, ଦିଗମ୍ବର ବେହେରା, ସୁନନ୍ଦ ଜେନା, ଆନନ୍ଦ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

### କଂଗ୍ରେସରେ ବିଜେଡି କର୍ମୀ ସାମିଲ

**ବନ୍ତ, ୨୩।୪ (ସ୍ୱ.ପ୍ର.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୁରୁଷଣ୍ଡ ଓ ବିଟିପୁର ପଞ୍ଚାୟତର କେତେକ ବିଜେଡି କର୍ମୀ ସୋମବାର ଦଳ ଛାଡ଼ି କଂଗ୍ରେସରେ ଯୋଗ ଦେଇଛନ୍ତି। ବିଟିପୁର ସରପଞ୍ଚ ସତ୍ୟବାନ ଦାସ, ପୁରୁଷଣ୍ଡ କଂଗ୍ରେସ ନେତା କାର୍ତ୍ତିକ ଜେନାଙ୍କ ନେତୃତ୍ୱରେ ସ୍ଥାନୀୟ ମାଧବଜୀଉ ମନ୍ଦିରରେ ବିଜେଡିର ପ୍ରାକ୍ତନ ସରପଞ୍ଚଙ୍କ ପୁଅ ଚିନ୍ମୟ କୁମାର ମହାପାତ୍ର, ଅଜୟ କୁମାର ସାହୁ, ପ୍ରଶାନ୍ତ ସିଂହ, ଭରତ ପାତ୍ରୀ, ମୁରଲୀ ନାୟକ, ସୀତାକାନ୍ତ ଦାସ, କପିଳ ଦାସଙ୍କ ସମେତ ବହୁ କର୍ମୀ କଂଗ୍ରେସରେ ସାମିଲ ହୋଇଥିଲେ। ବ୍ଲକ କଂଗ୍ରେସ ସଭାପତି ରାଜକିଶୋର ସ୍ୱାଇଁ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରବିନାରାୟଣ ମହାନ୍ତି, ଆନନ୍ଦ ଓଝା, ଚିନ୍ମୟ ସିଂହ, ମନୋରଞ୍ଜନ ବାରିକ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ରବୀନ୍ଦ୍ର ପୁହାଣ, ଦେବ ସିଂହ ପ୍ରମୁଖ ନୂତନ କର୍ମୀମାନଙ୍କୁ ନେଇ ପିସିସି ସଭାପତିଙ୍କ ଆନନ୍ଦପୁରସ୍ଥିତ ବାସଭବନରେ ପହଞ୍ଚିଥିଲେ। ପିସିସି ସଭାପତି ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

### ପୂଜ୍ୟପୂଜା ସଂସଦ ପକ୍ଷରୁ ପୂର୍ଣ୍ଣିମା ଆସର

**ଭଦ୍ରକ ଅଫିସ, ୨୩।୪ :** ଭଦ୍ରକ ପୂଜ୍ୟପୂଜା ସଂସଦ ପକ୍ଷରୁ ପୂର୍ଣ୍ଣିମା ଆସର ଅନୁଷ୍ଠିତ ହୋଇଯାଇଛି। ମଠସାହି ସାଲନ୍ଦୀ ସମାଚାର କାର୍ଯ୍ୟାଳୟରେ ଆୟୋଜିତ ପୂର୍ଣ୍ଣିମା ଆସରରେ ଅବସରପ୍ରାପ୍ତ ପ୍ରାଧାପକ ରତିକାନ୍ତ ମହାନ୍ତି ସଭାପତିତ୍ୱ କରିଥିଲେ। ଡା.ଦୁର୍ଯ୍ୟୋଧନ ଦାସ ମୁଖ୍ୟ ଆଲୋଚକ ଓ ଅବସରପ୍ରାପ୍ତ ଶିକ୍ଷକ କରୁଣାକର ବେହୁରିଆ ଅନ୍ୟତମ ବକ୍ତା ଭାବେ ଯୋଗ ଦେଇଥିଲେ। ସଂସଦର ସହସମ୍ପାଦକ ବୈକୁଣ୍ଠ ବିଶ୍ୱାଳ ପ୍ରାକ୍ ସୂଚନା ଓ ସମ୍ପାଦକ ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ଦେଇଥିଲେ। ବହୁ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସମୀକ୍ଷକ କବି ଦିବ୍ୟସିଂ ଦାସ ଅଧିକାରୀ କବିତା ସମୀକ୍ଷା କରିଥିଲେ। କବିତାରେ ଭାବ, ଭାଷା ଓ ପ୍ରତୀକ ଯେତେ ଆପଣାର ମନେ ହେବ, ସେତେ ଆକର୍ଷଣୀୟ ହୁଏ ବୋଲି ମତପ୍ରକାଶ ପାଇଥିଲା। କବି ଚର୍ଚ୍ଚିକା ପ୍ରସାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଭଦ୍ରକରେ ମୁଖ୍ୟମନ୍ତ୍ରୀଙ୍କ ମାରାଥନ ପ୍ରଚାର

# 'ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଲୋକଙ୍କ ସେବାରେ ଥିବି'

**ଭଦ୍ରକ ଅଫିସ/ବାସୁଦେବପୁର/ବନ୍ତ/ ଧାମନଗର, ୨୩।୪ (ଡି.ଏନ.ଏ.)**

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ପାଇଁ ବିଜେଡି ରାଜ୍ୟ ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭଦ୍ରକ ଜିଲା ଗସ୍ତରେ ଆସି ବିଭିନ୍ନ ସ୍ଥାନରେ ଦଳୀୟ ବିଧାନସଭା ଓ ଲୋକ ସଭା ପ୍ରାର୍ଥୀଙ୍କ ପାଇଁ ମାରାଥନ ପ୍ରଚାର କରି ଫେରିଛନ୍ତି। ୪ଟି ଭିନ୍ନ ଭିନ୍ନ ସ୍ଥାନରେ ହେଲିକପ୍ଟର ଯୋଗେ ମୁଖ୍ୟମନ୍ତ୍ରୀ ପହଞ୍ଚି ଭଦ୍ରକ ଲୋକ ସଭା ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ, ବାସୁଦେବପୁର ବିଧାନସଭା ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ, ଧାମନଗର ବିଧାନସଭା ପ୍ରାର୍ଥୀ ରାଜେନ୍ଦ୍ର ଦାସ, ଭଣ୍ଡାରିପୋଖରୀ ବିଧାନସଭା ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାନସଭା ପ୍ରାର୍ଥୀ ସଞ୍ଜୀବ ମଲ୍ଲିକଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ସମୁଦାୟ ୩ ଘଣ୍ଟା ୧୫ ମିନିଟ୍ ସମୟ ବିତାଇ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଯାଜପୁର ଅଭିମୁଖେ ଗସ୍ତ କରିଥିଲେ।

ମୁଖ୍ୟମନ୍ତ୍ରୀ ପ୍ରଥମେ ବାସୁଦେବପୁର ଏବି କଲେଜ ପଡ଼ିଆରେ ହେଲିକପ୍ଟରରୁ ଓହ୍ଲାଇ ନିକଟସ୍ଥ ଯାଦବ ପଡ଼ିଆଠାରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ। ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କ ଉପେକ୍ଷା ଓ ଅବହେଳାକୁ ସେ ତୀବ୍ର ସମାଲୋଚନା କରିଥିଲେ।



ଧାମନଗରସ୍ଥିତ ଧୂଷୁରୀଠାରେ ଅନୁଷ୍ଠିତ ସଧାରଣ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

କେନ୍ଦ୍ର ସରକାର ସବୁବେଳେ ଓଡ଼ିଶାକୁ ଜାଣିଶୁଣି ଅବହେଳା ପ୍ରଦର୍ଶନ କରୁଛନ୍ତି। ବନ୍ୟା, ବାତ୍ୟା, ପ୍ରାକୃତିକ ବିପର୍ଯ୍ୟୟ, ତିତ୍‌ଲି, ହୁଦ୍‌ହୁଦ୍, ମରୁଡ଼ି ବେଳେ କେନ୍ଦ୍ରୀୟ ନେତାଙ୍କର ଦେଖା ମିଳେନି। ନିର୍ବାଚନ ଆସିଲେ କେବଳ ଭୋଟ ମାଗିବାକୁ ଆସିଯାଆନ୍ତି। କାଳିଆ ଯୋଜନାକୁ ବନ୍ଦ କରିବାକୁ ଷଡ଼ଯନ୍ତ୍ର କରାଯାଉଛି। ଏହାକୁ କେହି ବନ୍ଦ କରିପାରିବେନି ବୋଲି ସେ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟର ବିଜେଡି ସରକାର ଓଡ଼ିଶାର ଲୋକଙ୍କ ହିତ ପାଇଁ କାର୍ଯ୍ୟ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ ଓଡ଼ିଶାବାସୀଙ୍କ ସେବାରେ ନିୟୋଜିତ ରହିବେ ବୋଲି ଦୋହରାଇଥିଲେ। ଏହି ସଭାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ, ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଜେଡି ବ୍ଲକ ଉପସଭାପତି ନଗେନ୍ଦ୍ର ବିଶ୍ୱାଳ, ଭାଗୀରଥି ବଳ, ଯୁବ ବିଜେଡି ନଗର ସଭାପତି ମାନସ ସାହୁ, ବ୍ଲକ ସଭାପତି ଅସିତ ଦାଶ, ଜିଲା ଉପସଭାପତି ଦେବଦର୍ଶନ ଦାଶ, ସରପଞ୍ଚ କୀର୍ତ୍ତନ ରାଉତ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଭାଜପା ଛାଡ଼ିଥିବା ଯୁବନେତା ବିଶ୍ୱଜିତ ବେହେରା ଓ ନିର୍ମାଣ ମଜ୍‌ଦୁର ସଂଘର ବ୍ଲକ ସଭାପତି କୃପାସିନ୍ଧୁ ମଳିକ ବିଧିବଦ୍ଧ ଭାବେ ଏହି ଅବସରରେ ବିଜେଡିରେ ମିଶିଥିଲେ।

ମୁଖ୍ୟମନ୍ତ୍ରୀ ବାସୁଦେବପୁରରୁ ଭଦ୍ରକ ଅଭିମୁଖେ ହେଲିକପ୍ଟର ଯୋଗେ ଯାତ୍ରା କରି ନେହେରୁ ଷ୍ଟାଡିୟମଠାରେ ଅବତରଣ କରିଥିଲେ। ସେଠାରେ ଆୟୋଜିତ ସଭାରେ ବିଧାୟକ ପ୍ରାର୍ଥୀ ସଞ୍ଜୀବ ଓ ଲୋକ ସଭା ପ୍ରାର୍ଥୀ ମଞ୍ଜୁଲତାଙ୍କୁ ଭୋଟ ଦେବା ଲାଗି ନିବେଦନ କରିଥିଲେ। ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ପ୍ରାର୍ଥୀ ସଞ୍ଜୀବ ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା, ଭଦ୍ରକ କଲେଜକୁ ବିଶ୍ୱବିଦ୍ୟାଳୟ ଘୋଷଣା, ଅତ୍ୟାଧୁନିକ ସୁବିଧା ଉପଲବ୍ଧ କରାଇ ସହରକୁ ସ୍ମାର୍ଟସିଟି କରାଇବା ଭଳି ଅନେକ ବିକାଶମୂଳକ ପ୍ରତିଶ୍ରୁତି ଦେଇଥିଲେ। ଜିଲା ଛାତ୍ର ବିଜେଡି ସଭାପତି ତଥାଗତ ସାମଲଙ୍କ ସମେତ ବହୁ ଦଳୀୟ ସରପଞ୍ଚ, ସମିତିସଭ୍ୟ ସଭାରେ ଉପସ୍ଥିତ ଥିଲେ। ପରେ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବନ୍ତ ହାଟପଡ଼ିଆଠାରେ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବ୍ଲକ ବିଜେଡି ସଭାପତି କମଳାକାନ୍ତ ସାହୁଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟକ ରଥ ଦାସ, ରାଜ୍ୟ ବିଜେଡି ସମ୍ପାଦିକା ସୁଜାତା ଜେନା, ବରିଷ୍ଠ ନେତା ସୁଧାକର ନନ୍ଦ, ଜିଲାପରିଷଦ ସଭ୍ୟା ରେବତୀ ନାୟକ, ସଭ୍ୟ ରବୀନ୍ଦ୍ର ଦାସ, ଆଇନଜୀବୀ ମାଧବାନନ୍ଦ ଦାସ, ଜଇନୁଲ ଆବେଦିନ, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ମନ୍ତ୍ରୀଙ୍କ ପ୍ରତିନିଧି ଜିତେନ୍ଦ୍ର ନାୟକ, ବ୍ଲକ ବିଜେଡି ସମ୍ପାଦକ ସୁବାସ ଦାସ, ଟିଲୋ ସରପଞ୍ଚ ନିହାରିକା ରାଉତ, ବ୍ଲକ ଛାତ୍ର ବିଜେଡି ସଭାପତି ପ୍ରଣବ କିଶୋର ଲେଙ୍କା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

ଶେଷରେ ମୁଖ୍ୟମନ୍ତ୍ରୀ ଧାମନଗର ନିର୍ବାଚନମଣ୍ଡଳୀର ଧୂଷୁରୀ ବାସନ୍ତୀ ପଡ଼ିଆରେ ସାଧାରଣ ସଭାରେ ଯୋଗ ଦେଇଥିଲେ। ଦଳୀୟ ପ୍ରାର୍ଥୀ ରାଜେନ୍ଦ୍ର ଓ ଲୋକ ସଭା ପ୍ରାର୍ଥୀଙ୍କ ପାଇଁ ଭୋଟ ନିବେଦନ କରିବା ସହ କେନ୍ଦ୍ର ସରକାର ତଥା ଭାଜପାକୁ ଟାର୍ଗେଟ୍ କରି ବକ୍ତବ୍ୟ ରଖିଥିଲେ। ବିଜେଡି ବ୍ଲକ ସଭାପତି ରଘୁନାଥ ଲେଙ୍କା ସଭାରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ମୁକ୍ତିକାନ୍ତ, ହରେକୃଷ୍ଣ ପାତ୍ରୀ, ବ୍ଲକ ନାରୀନେତ୍ରୀ ସୁରତୀ ନାୟକ, ଜିଲା ନାରୀନେତ୍ରୀ ବିଦ୍ୟୁତଲତା ନାୟକ, ପ୍ରଦୀପ ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ବ୍ଲକ ସମ୍ପାଦକ ସେକ୍ ଜାଫର ଅଲ୍ଲୀ ପ୍ରମୁଖ ଯୋଗଦେଇଥିଲେ। ଲୋକ ସଭା ପ୍ରାର୍ଥୀ ମଞ୍ଜୁଲତା ତାଙ୍କ ବକ୍ତବ୍ୟରେ ମହିଳାମାନଙ୍କୁ ନବୀନବାବୁ ସମ୍ମାନ ଦେଉଥିବା ପ୍ରମାଣ ଦେଇ ତାଙ୍କୁ ଭଦ୍ରକରେ ପ୍ରଥମ ମହିଳା ଏମ୍‌ପି ପ୍ରାର୍ଥୀ ଭାବେ ଟିକେଟ ପ୍ରଦାନ କରିଥିବାରୁ କୃତଜ୍ଞତା ଜଣାଇଥିଲେ। ଶେଷରେ ନାରୀନେତ୍ରୀ ବିଦ୍ୟୁତ୍‌ଲତା ନାୟକ ଧନ୍ୟବାଦ ଦେଇଥିଲେ।

## ଅଗ୍ନି ନିରାପତ୍ତା ସପ୍ତାହ ପାଳିତ



ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଉଛି।

**ଭଦ୍ରକ ଅଫିସ, ୨୩।୪**

ଭଦ୍ରକ ଜିଲା ଧାମରା ପୋର୍ଟ ପରିସରରେ ଅଗ୍ନିଶମ ବିଭାଗ ପକ୍ଷରୁ ଜାତୀୟ ଅଗ୍ନି ନିରାପତ୍ତା ସପ୍ତାହ ପାଳିତ ହୋଇଯାଇଛି। ଗତ ୧୪ ତାରିଖରୁ ଏହି ସପ୍ତାହ ଆରମ୍ଭ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବନ୍ଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ତ୍ରିପାଠୀ ଯୋଗଦେଇ ଅଗ୍ନିଶମ ବିଭାଗର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବନ୍ଦର ମୁଖ୍ୟ ପରିଚାଳନା ଅଧିକାରୀ ସୁଦୀପ ଦାସଗୁପ୍ତା ଏହି ଅବସରରେ ୧୯୪୪ ଏପ୍ରିଲ ୧୪ରେ ମୁମ୍ବାଇ ଡକୟାର୍ଡରେ ହୋଇଥିବା ଭୟଙ୍କର ଅଗ୍ନିକାଣ୍ଡରେ ଶହୀଦ ଅଗ୍ନିଶମ ବାହିନୀର ଯବାନମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅଗ୍ନିକୁ ନିୟନ୍ତ୍ରଣ କରିବା ଅପେକ୍ଷା ଅଗ୍ନି ନ ଲାଗିବା ପାଇଁ ଦୃଢ଼ ଓ ଜରୁରୀ ବ୍ୟବସ୍ଥା କରିବା ସହ ସଚେତନତାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଏହି ଅବସରରେ ବିଭିନ୍ନ ମକ୍‌ଡ୍ରିଲ, ପ୍ରଶିକ୍ଷଣ ଅଗ୍ନିଶମ ସେବାଦଳ ବିଭିନ୍ନ ଯନ୍ତ୍ରପାତିର ଉପଯୋଗ, ପ୍ରାଥମିକ ଚିକିତ୍ସା ଉପରେ ବିଭିନ୍ନ କୌଶଳ ପ୍ରଦର୍ଶନ ସହ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଗ୍ନିଶମ ଓ ସୁରକ୍ଷା ବିଭାଗ ମୁଖ୍ୟ ସୁବ୍ରତ ମଣ୍ଡଳ ଅଗ୍ନି ନିରାପତ୍ତା ସପ୍ତାହରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ ଏବଂ ଉପସ୍ଥିତ ସମସ୍ତ ବନ୍ଦର ଅଧିକାରୀ, କର୍ମଚାରୀ ଓ ଶ୍ରମିକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଉର୍ସ ପାଇଁ ପ୍ରସ୍ତୁତି

**ଧାମନଗର, ୨୩।୪ (ଡି.ଏନ.ଏ.)**

ଧାମନଗର ମୁଲ୍ଲାସାହି ସାଦିଆ ଉର୍ସ କମିଟି ପକ୍ଷରୁ ହଜରତ ମୌଲାନା ସାଦ୍ଦିନ ଅହେମଦ ମୌଲାନା ସାହେବ ବାବାଙ୍କ ବାର୍ଷିକ ଉତ୍ସବ ତଥା ଉର୍ସ ଆସନ୍ତା ୧ ତାରିଖରେ ପାଳନ କରାଯିବା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ମହମ୍ମଦ ସାଦିକ ଅଧ୍ୟକ୍ଷତା କରିଥିଲେ। ଧାମନଗର ହଜରତ ହବିବି ଏ ମିଲ୍ଲତ ମୌଲାନା ସୟଦ ଗୋଲାମ ହବିବି ସାହେବଙ୍କ ଅଧ୍ୟକ୍ଷତାରେ ଉତ୍ସବ ପାଳନ କରାଯିବ। ଭାରତର ବିଶିଷ୍ଟ ମୌଲାନା ଧର୍ମସଭାରେ ଯୋଗଦେବେ। ମହାରାଷ୍ଟ୍ରର ମୌଲାନା ହଜରତ ମହମ୍ମଦ ମୁଫତି ଅତରହୋସେନ ଜିୟାୟି ସାହେବ, ହଜରତ ମୌଲାନା ଅଶଗର ଆଲ୍ଲୀମିସବାହୀ, ଧାମନଗର ହଜରତ ମୌଲାନା ନୌସାଦ ଆଲାମମିସବାହୀ ଧର୍ମବାଣୀ ପ୍ରଚାର କରିବେ। ସର୍ବଭାରତୀୟ କବି ସମ୍ମିଳନୀରେ ଉତ୍ତରପ୍ରଦେଶର କବି ଜନାବ ମହମ୍ମଦ ଜୈନୁଲ ଆବେଦିନ, ଜନାବ ମହମ୍ମଦ ଅଲ୍ଲୀ ଫୈଜି, କୋଲକାତାର ଜନାବ ଅସଦ ଇକ୍‌ବାଲ, ଜନାବ ଅମଜଦ ବନାରସି, ଜନାବ ସେହନଓ୍ୱାଜ ହସା, ଝାଡ଼ଖଣ୍ଡର ଜନାବ ଇଲୟାସ ଫୈଜି, ମୁସ୍ତାଫାପୁରର ଜନାବ ଅବଦୁଲ ଲତିଫ ଗୌହର ଏବଂ ଧାମନଗରର ଜନାବ ସହିଦ ରାଜା, ଜନାବ ଅସଲମ ବେଲାଲି ଯୋଗଦେବେ।

## ନିର୍ବାଚନ ସେକ୍ଟର ଅଫିସରଙ୍କୁ ତାଲିମ



ତାଲିମ ଶିବିରରେ ଜିଲାପାଳ ଜ୍ଞାନରଞ୍ଜନ ଦାସ ଓ ଅନ୍ୟମାନେ।

**ଭଦ୍ରକ ଅଫିସ, ୨୩।୪**

ନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା ଦାୟିତ୍ୱ ଅଧିକାରୀମାନଙ୍କର। ଏହାକୁ ଠିକ୍ ଭାବେ ପରିଚାଳନା ସକାଶେ ଉପଯୁକ୍ତ ପ୍ରଶିକ୍ଷଣ ଏକାନ୍ତ ଜରୁରୀ ବୋଲି ଭଦ୍ରକ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଜ୍ଞାନରଞ୍ଜନ ଦାସ ଟାଉନ ହଲ୍‌ଠାରେ ସେକ୍ଟର ଅଫିସର ଓ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ମତବ୍ୟକ୍ତ କରିଥିଲେ। ସେକ୍ଟର ଅଫିସର ନିର୍ବାଚନର ପ୍ରତିଟି କାର୍ଯ୍ୟରେ ଅଭ୍ୟସ୍ତ ନ ଥିଲେ ସେ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀମାନଙ୍କର କୌଣସି ସମସ୍ୟା ଦୂର କରିବାରେ ଅକ୍ଷମ ହେବେ। ଏଣୁ କେବଳ ନିର୍ବାଚନ ପରିଚାଳନା ନୁହେଁ ଭିଭିପିଏଟି, ଇଭିଏମ୍ ପରିଚାଳନାକୁ ବାରମ୍ବାର ଅଭ୍ୟାସ କରିବାକୁ ଶିବିରରେ ଅଧ୍ୟକ୍ଷତା କରି ଜିଲାପାଳ ପରାମର୍ଶ ଦେଇଥିଲେ। ସେକ୍ଟର ଅଫିସର ନିଜ ବୁଥ୍‌କୁ ବାରମ୍ବାର ପରିଦର୍ଶନ କରି ସୁବିଧା ଯଥା ଶୌଚାଳୟ, ରାମ୍ପ ଇତ୍ୟାଦି ରହିଛି କି ନାହିଁ, ବିଏଲ୍‌ଓଙ୍କ ସହ ବାରମ୍ବାର ଯୋଗାଯୋଗରେ ରହିବା, ରୁଟ୍ ଚାର୍ଟ ପ୍ରସ୍ତୁତ କରିବା ଆଦି ନିରନ୍ତର ଅନୁଧ୍ୟାନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନରେ ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ସେକ୍ଟର ଅଫିସରଙ୍କୁ ସତର୍କ କରାଇଛନ୍ତି। ଶିବିରରେ ସାଧାରଣ ପର୍ଯ୍ୟବେକ୍ଷକ ଏଥେଲବର୍ଟ ଖାରମାଲକି, ହଉଲିଆଁଲାଲ ଗୁଇଟେ ଯୋଗଦେଇ ଅବାଧ, ନିରପେକ୍ଷ ଭୋଟ ନିମନ୍ତେ ଭୋଟ ଦିନ ଓ ପୂର୍ବଦିନ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଭୋଟ ପୂର୍ବରୁ ବୁଥ୍‌ଗୁଡ଼ିକ ପରିଦର୍ଶନ କରି ସବୁପ୍ରକାର ସୁବିଧା ଅନୁଧ୍ୟାନ ପାଇଁ ସେ କହିଥିଲେ। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲାପାଳ ପୀତାମ୍ବର ସାମଲ, ଅତିରିକ୍ତ ଉପଜିଲାପାଳ ହେମନ୍ତ କୁମାର ବିହାରୀଙ୍କ ସମେତ ଜିଲାର ସମସ୍ତ ତହସିଲଦାର, ବିଡିଓ ଏବଂ ସେକ୍ଟର ଅଫିସର ଶିବିରରେ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

# ଭାଗନେଲେ ୧୮୦ ଛାତ୍ରୀଛାତ୍ର

**ଭଦ୍ରକ ଅଫିସ, ୨୩।୪**

ଭଦ୍ରକ ବାଇପାସ୍‌ସ୍ଥିତ ଗୁଜରାଟୀ ଭବନ ପରିସରରେ ୯ମ ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଭୟ କ୍ୟୁରୋଗୀ ଏବଂ ପୁମ୍‌ସେରେ ଜିଲାର ବିଭିନ୍ନ ଏକାଡେମୀରୁ ୧୮୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଟାଏକୋଣ୍ଡୋ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଅତିଥି ଭାବେ ଜିଲା ଛାତ୍ର ବିଜେଡି ସଭାପତି ତଥାଗତ ସାମଲ, ଏଫ୍‌ଏମ୍ କ୍ରୀଡ଼ା ନିର୍ଦ୍ଦେଶାଳୟର ମୁଖ୍ୟ ଡ. ଭାସ୍କର ବେହେରା, ଅବଜର୍ଭର୍ ଶ୍ରୀକାନ୍ତ ପରିଡ଼ା, କ୍ରୀଡ଼ାବିତ୍ ଗୋପାଳ ଚନ୍ଦ୍ର ମହାପାତ୍ର ଓ ଯୁବନେତା ପ୍ରକାଶଜ୍ୟୋତି ମହାକୁଡ଼ ପ୍ରମୁଖ ଯୋଗଦେଇ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିଥିଲେ। ଟାଏକୋଣ୍ଡୋ ସଂଘ ପକ୍ଷରୁ ରଞ୍ଜିତା ସ୍ୱାଇଁ, ସମ୍ପାଦକ ଚିନ୍ମୟ ବେହେରା, ସହସମ୍ପାଦକ ରାଜେନ୍ଦ୍ର ବେହେରା, ଉପସଭାପତି ଦେବବ୍ରତ ମହାନ୍ତି, ଆନନ୍ଦ ମହାଳିକ, କାର୍ଯ୍ୟକାରୀ ସଦସ୍ୟ ଅଶୋକ କୁମାର ସ୍ୱାଇଁ ଓ ଅନ୍ୟ ସଦସ୍ୟମାନେ ଖେଳ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ କୃତୀ ଖେଳାଳିମାନଙ୍କୁ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା।




ଅତିଥି ଓ ସଂଘର କର୍ମକର୍ତ୍ତାଙ୍କ ଗହଣରେ କୃତୀ କ୍ରୀଡ଼ାବିତ୍।

# ରାସ୍ତା ସମସ୍ୟା ନେଇ ଭୋଟ ବର୍ଜନ ନିଷ୍ପତ୍ତି

**ଭଦ୍ରକ ଅଫିସ, ୨୩।୪**

ଭଦ୍ରକ ବ୍ଲକ ବେନ୍ତାଳ ପଞ୍ଚାୟତ ଅଧୀନ ଚାରିଘରିଆ ମୁସଲିମ୍ ବସ୍ତିର ପ୍ରାୟ ଶତାଧିକ ଗ୍ରାମବାସୀ ଏଥର ନିର୍ବାଚନରେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ସେମାନେ ମଙ୍ଗଳବାର ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି ଯେ, ଉକ୍ତ ଗାଁକୁ ସ୍ଥାୟୀ ରାସ୍ତା ନ ଥିବାରୁ ସେମାନେ ଦୀର୍ଘବର୍ଷ ଧରି ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ସ୍କୁଲ ଛାତ୍ରୀଛାତ୍ର ଓ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯିବା ଲାଗି ପିଲାମାନେ ହଇରାଣ ହେଉଛନ୍ତି। ଏପରିକି ରାସ୍ତା ସମସ୍ୟା କାରଣରୁ ରୋଗୀମାନେ ସ୍ୱାସ୍ଥ୍ୟସେବା ପାଇପାରୁ ନାହାନ୍ତି। ଏ ସମ୍ପର୍କରେ ସେମାନେ ବହୁବାର ବ୍ଲକ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ନ ମିଳୁ ନାହିଁ। ଶେଷରେ ମଙ୍ଗଳବାର ଗ୍ରାମର ସୟଦ୍ ସଲିମ୍, ସେକ୍ ନିଜାମୁଦ୍ଦିନ,



ଚାରିଘରିଆ ମୁସଲିମ୍ ସାହିକୁ ଥିବା ଅଣଓସାରିଆ ରାସ୍ତା।

### ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

ସେକ୍ ଅବଦୁଲ ଗନି, ସେକ୍ ନିୟାଜୁଦ୍ଦିନ, କମରୁନ ବିବି, ମିର ହଇଦର ଅଲ୍ଲିଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଜିଲାପାଳ, ବିଡିଓ ଏବଂ ସ୍ଥାନୀୟ ସରପଞ୍ଚଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଉପଯୁକ୍ତ ପଦକ୍ଷେପ ନିଆ ନ ଗଲେ ସମ୍ପୃକ୍ତ ଗ୍ରାମବାସୀ ଭୋଟ ବର୍ଜନ କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସେହିଭଳି ଏହି ପଞ୍ଚାୟତର ଜଗନ୍ନାଥପୁର ଓ ଚକବେନ୍ତାଳ ଗ୍ରାମର ବାସିନ୍ଦା ମଙ୍ଗଳବାର ଜିଲାପାଳଙ୍କୁ ଭେଟି ସେମାନେ ମଧ୍ୟ ଗାଁର ରାସ୍ତା ସମସ୍ୟା ପାଇଁ ଭୋଟ ବର୍ଜନ କରୁଥିବା ଲିଖିତ ଭାବେ ଜଣାଇଛନ୍ତି। ଏହି ଗାଁ ସବୁ ଜିଲା ମୁଖ୍ୟାଳୟଠାରୁ ମାତ୍ର ୯ କି.ମି. ଦୂର ହୋଇଥିଲେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀ ଗାଁରେ ପହଞ୍ଚି ନ ଥିବା ପରିତାପର ବିଷୟ ବୋଲି ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଜିଲାପାଳ ଜ୍ଞାନରଞ୍ଜନ ଦାସ ଏହି ଗ୍ରାମବାସୀଙ୍କ ସମସ୍ୟା କଥା ନିର୍ବାଚନ ପରେ ବୁଝାଯିବ ବୋଲି କହିଥିଲେ। ଏନେଇ ଧରିତ୍ରୀରେ ମଙ୍ଗଳବାର ଖବର ପ୍ରକାଶିତ ହେବା ପରେ ଜିଲାପାଳ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ରଙ୍କୁ ଏହାର ତଦନ୍ତ କରି ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିବା ସେ ସୂଚନା ଦେଇଛନ୍ତି।

### 'ଭୋଟ ବର୍ଜନ ଶେଷ ପନ୍ଥା'

**ବନ୍ତ, ୨୩।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ନିଳୋକ ପଞ୍ଚାୟତ ଗୋହିରାପଦୀ ଆଦିବାସୀସାହି ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ କରି ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ଏହି ଆଦିବାସୀ ସାହିରେ ପ୍ରାୟ ୧୫୦ଲୋକ ବସବାସ କରୁଛନ୍ତି। ସେମାନଙ୍କ ଚଳିବା ପାଇଁ କୌଣସି ସରକାରୀ ସୁବିଧା ନାହିଁ। ପାନୀୟ ଜଳ ପାଇଁ ନଳକୂପ ନ ଥିବାବେଳେ ଯାତାୟାତ ଲାଗି ରାସ୍ତା ସୁବିଧା ନାହିଁ। ସେହିପରି ସାହିର ବୃଦ୍ଧାବୃଦ୍ଧ ବାର୍ଦ୍ଧକ୍ୟ ଭତ୍ତା ପାଉ ନ ଥିବାବେଳେ ଭୂମିହୀନମାନଙ୍କୁ ଘରଡିହ, ପକ୍କାଘର ଆଦି ଯୋଗାଇ ଦିଆଯାଇ ନାହିଁ। ଏହି ସାହିବାସିନ୍ଦାଙ୍କ ପ୍ରତି କାହାରି ନଜର ନାହିଁ। ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ ହୋଇଥିବାରୁ ଭୋଟ ବର୍ଜନ ଶେଷ ପନ୍ଥା ବୋଲି ସାହିବାସିନ୍ଦା ନାରାୟଣ ମୁର୍ମୁ, ବୁଦ୍ଧିରାମ ଟୁଡୁ, ଦୁର୍ଗା ହେମ୍ବ୍ରମ, ଶୁକ ବେସ୍ରା, ଦୁର୍ଗାଧର ମୁଣ୍ଡା, ପାର୍ବତୀ ମୁର୍ମୁ, ଭୀମ ମୁଣ୍ଡା, କାମିନୀ ମୁର୍ମୁ, ଶୁକଦେବ ଟୁଡୁଙ୍କ ସମେତ ଶତାଧିକ ଲୋକ ନିଷ୍ପତ୍ତି ନେଇଛନ୍ତି।



କୋଡ଼ିପଶା ମତଦାନ କେନ୍ଦ୍ରରେ ମହିଳା ଭୋଟରଙ୍କ ଭିଡ଼।



ଗୁଡ଼ୁଡ଼ିଠାରେ ଭୋଟ ଦେବାକୁ ଆସିଥିବା ଭୂୟାଁ ଆଦିବାସୀ ବୃଦ୍ଧାବୃଦ୍ଧ।



ଯୋଡ଼ାଠାରେ ଖରାରେ ଅପେକ୍ଷାରତ ଭୋଟର।



ଗୁଡ଼ୁଡ଼ି ପ୍ରାଇମେରୀ ସ୍କୁଲର ଏକ ବୁଥ୍‌ରେ ମହିଳା ଭୋଟର।

## ■ ଇଭିଏମ୍ ଅଚଳ
# ଭୋଟଦାନ ବିଳମ୍ବିତ

- ■ ଶାନ୍ତିପୂର୍ଣ୍ଣ ପରିବେଶରେ ସରିଲା ଭୋଟ
- ■ ଲୋକ ସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୯ ଓ ୬ ବିଧାନସଭା ଆସନର ପାଇଁ ୫୬ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍

**କେନ୍ଦୁଝର, ୨୩।୪ (ସ୍ୱ.ପ୍ର.):** କେନ୍ଦୁଝର ଜିଲାରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ କଡ଼ା ସୁରକ୍ଷା ମଧ୍ୟରେ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। କେତେକ ବୁଥ୍‌ରେ ଇଭିଏମ ମେଶିନ ଅଚଳ ହେବାରୁ ଭୋଟ ଗ୍ରହଣରେ ବିଳମ୍ବ ହୋଇଥିଲା। ଘସିପୁରା ନିର୍ବାଚନ ମଣ୍ଡଳୀର ଏକ ବୁଥରେ ସୁରକ୍ଷା କର୍ମୀ ଜଣେ ଏଜେଣ୍ଟଙ୍କୁ ପୂରାଇ ନ ଦେବା ଘଟଣାରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ଏହାର ପ୍ରତିବାଦ ଜଣାଇ ସେଠାରେ ଧାରଣା ଦେଇଥିଲେ। ଜିଲାର ଅନ୍ୟ କେତେକ ବୁଥ୍‌ରେ ଭୋଟରଙ୍କ ଲାଗି ଆନୁଷଙ୍ଗିକ ବ୍ୟବସ୍ଥା ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ଅପରାହ୍ଣ ୪ ଟା ଓ ଅନ୍ୟ ନିର୍ବାଚନ ମଣ୍ଡଳୀରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ନିର୍ବାଚନ ହେବାକୁ ସ୍ଥିର ହୋଇଥିଲେ ହେଁ ବିଳମ୍ବରେ ଭୋଟ ଗ୍ରହଣ ଯୋଗୁ କେତେକ କେନ୍ଦ୍ରରେ ରାତି ପର୍ଯ୍ୟନ୍ତ ଭୋଟଦାନ ହୋଇଥିବା ଜଣାପଡ଼ିଛି। ଭୋଟ ଶେଷ ହେବା ପରେ କେନ୍ଦୁଝର ଜିଲାର ଲୋକ ସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୯ ଓ ବିଧାନସଭା ଆସନର ପାଇଁ ୫୬ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ ହୋଇଯାଇଛି। ଆସନ୍ତା ମାସ ୨୩ ତାରିଖରେ ଫଳାଫଳ ପ୍ରକାଶ ପାଇବ।

କେନ୍ଦୁଝର ଲୋକ ସଭା ଆସନ ସମେତ ଏହି କ୍ଷେତ୍ର ଅଧୀନ ୬ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଭୋଟ ଗ୍ରହଣ ସକାଶେ ସବୁଠି କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। କେନ୍ଦୁଝର ବିଧାନସଭା ନିର୍ବାଚନ ମଣ୍ଡଳୀର କେନ୍ଦୁଝର ପୌରପାଳିକା ଅଧୀନ ୨୧୯, ୨୧୨,୨୧୩,୨୩୧ ନମ୍ବର ବୁଥ, ଝୁମ୍ପୁରା ବ୍ଲକର ୨୨,୫୪,୩୬ ନମ୍ବର, ପାଟଣା ନିର୍ବାଚନ ମଣ୍ଡଳୀର ସାହାରପଡା ବ୍ଲକର ୧୫୩,୧୫୪ ନମ୍ବର ବୁଥ ସମେତ ଅନ୍ୟ ନିର୍ବାଚନ ମଣ୍ଡଳୀରେ ଇଭିଏମ ମେଶିନରେ ତ୍ରୁଟି ଦେଖାଦେବା ଯୋଗୁ ଭୋଟ ଗ୍ରହଣରେ ବହୁ ବିଳମ୍ବ ଘଟିଥିଲା। ପ୍ରାୟ ଅଧ ଘଣ୍ଟାରୁ ୨ ଘଣ୍ଟା ପର୍ଯ୍ୟନ୍ତ ମେଶିନ ସଜଡା ଯିବାକୁ ସମୟ ଲାଗିଥିଲା। ଏଭଳି ଅବ୍ୟବସ୍ଥା ଦେଖି କେତେକ ବୁଥକୁ ଆସିଥିବା କେତେକ ଭୋଟର ଫେରିଯାଇଥିବା ଜଣାପଡ଼ିଛି। ସେହିପରି ଗ୍ରାମାଞ୍ଚଳର କେତେକ ବୁଥରେ ଭିଡ଼ ନିୟନ୍ତ୍ରଣ କରାଯାଇ ନ ପାରିବାରୁ ଅନେକ ଭୋଟର ଦୀର୍ଘସମୟ ଧରି ଖରାଗରମରେ ଣିଝି ଶେଷରେ ଭୋଟ ଦେଇ ନ ପାରି ବିରକ୍ତ ହୋଇ ଫେରିଯାଇଥିବା କୁହାଯାଉଛି। କଣ୍ଟ୍ରୋଲ ୟୁନିଟ (ସିୟୁ) ୩ ଟା, ଭିଭିପିଏଟି ୩ ଟା ମେଶିନ ଖରାପ ହେବାରୁ ଏହାକୁ ବଦଳା ଯାଇଥିବା ବେଳେ ଅନ୍ୟ ମେଶିନ ସଜଡା ଯାଇ ଭୋଟ ଦାନ ଜାରି ରହିଥିଲା।

ଜିଲାର ସମୁଦାୟ ୧୭୨୦ ଭୋଟଗ୍ରହଣ କେନ୍ଦ୍ରରେ ଭୋଟ ଦାନ ଅନୁଷ୍ଠିତ ହୋଇଥିଲା। ସମ୍ବେଦନଶୀଳ ଘଷିପୁରା ନିର୍ବାଚନ ମଣ୍ଡଳୀରେ ସିଆରପିଏଫ ମୁତୟନ କରାଯାଇ ସବୁଆଡ଼େ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି କରାଯାଇଥିଲା। ତେବେ କୌଣସି ସ୍ଥାନରେ କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଜଣାପଡ଼ିଛି।

# ବିଜେଡିର ମିଶ୍ରଣପର୍ବ, ବାଇକ୍ ଶୋଭାଯାତ୍ରା

**ଭଣ୍ଡାରିପୋଖରୀ, ୨୩।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେଡି ବ୍ଲକ ସଭାପତି ଲକ୍ଷ୍ମୀଧର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ରଥ ଦାସ, ସୁଜାତା ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ତେସିଙ୍ଗା ପଞ୍ଚାୟତ ବନସ୍ତା ଗ୍ରାମର ଯୁବନେତା ପ୍ରମୋଦ ନାୟକଙ୍କ ନେତୃତ୍ୱରେ ଜଟାଧାରୀ ଜେନା, ଶ୍ରୀନିବାସ ଖଟୁଆ, ବାବୁନ ସାହୁ, ବଟକୃଷ୍ଣ ସାହୁ, ନେତ୍ରାନନ୍ଦ ଜେନା, ରାଜେନ୍ଦ୍ର କୁମାର ଜେନା, ନିରାକାର ଦ୍ୱିବେଦୀ, ଶ୍ରୀକାନ୍ତ ଜେନା, ସନ୍ତୋଷ ଜେନା ପ୍ରମୁଖ ବହୁ କର୍ମୀ ଅନ୍ୟ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ।



ମିଶ୍ରଣ ପର୍ବରେ ବିଜେଡି ନେତା ଓ କର୍ମୀ।

ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ତାଙ୍କୁ ସ୍ୱାଗତ କରିଥିଲେ। ସେହିପରି ଭଣ୍ଡାରିପୋଖରୀ ବ୍ଲକ କୁରିଗାଁ ପଞ୍ଚାୟତରେ ବିଜେଡି ପକ୍ଷରୁ ବାଇକ୍ ଶୋଭାଯାତ୍ରା ବାହାରି ସମସ୍ତ ଗ୍ରାମ ସାହି ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ, ପୂର୍ବତନ ବିଧାୟକ ଦାସ, ସୁଜାତା ଜେନା, ଲକ୍ଷ୍ମୀଧର ନାୟକ, ପ୍ରଣିତକାନ୍ତ ସାମଲ ପ୍ରମୁଖ ପ୍ରଚାର କରିଥିଲେ। ବିଜେଡି ପଞ୍ଚାୟତ ସଭାପତି ଦେବେନ୍ଦ୍ରନାଥ ଧଳ, ଦିବାକର ଜେନା, ନରେନ୍ଦ୍ର କୁମାର ନାୟକ, ସୂର୍ଯ୍ୟମଣି ରାଉତ, ଦେବପ୍ରସନ୍ନ ମହାପାତ୍ର ପ୍ରମୁଖ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ।

# ବିଜେଡିରେ ଯୋଗଦେଲେ ଭାଜପା ଜାତୀୟ ପରିଷଦ ସଦସ୍ୟ

**ତିହିଡ଼ି, ୨୩।୪ (ଡି.ଏନ.ଏ.):** ଭାଜପା ଜାତୀୟ ପରିଷଦ ସଦସ୍ୟ ଶରତ ଦାସ ମଙ୍ଗଳବାର ବିଜେଡିରେ ଯୋଗ ଦେଇଛନ୍ତି। ଭଦ୍ରକ ଜିଲା ଧାମନଗର ନିର୍ବାଚନ ମଣ୍ଡଳୀର ତିହିଡ଼ି ବ୍ଲକ ଅଧୀନ କାଁପଡ଼ା ପଞ୍ଚାୟତ ଦକ୍ଷିଣପାରି ଗ୍ରାମର ଶରତ ଭୁବନେଶ୍ୱରସ୍ଥିତ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେଡିରେ ମିଶିଛନ୍ତି। ତାଙ୍କର ଶତାଧିକ ସମର୍ଥକ ମଧ୍ୟ ବିଜେଡିରେ ଯୋଗ ଦେଇଛନ୍ତି। ଭାଜପା ନେତାମାନେ ଦଳର ନୀତି ଆଦର୍ଶକୁ ଭୁଲି ଅନ୍ୟ ଦଳର ଦୁର୍ନୀତିଗ୍ରସ୍ତ ନେତାଙ୍କୁ ଦଳରେ ମିଶାଇ ପ୍ରାର୍ଥୀ କରିବା ଏବଂ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଅଣଦେଖା କରିବାରୁ ସେ ଏଭଳି ପଦକ୍ଷେପ ନେଇଥିବା ଶରତ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି। ଶରତ ୧୬ବର୍ଷ ଧରି ଭାଜପାରେ ଜଣେ ସକ୍ରିୟ ନେତା ଭାବେ କାର୍ଯ୍ୟ କରିଆସୁଥିଲେ। ୨୦୧୪ରେ ଭଦ୍ରକ ଲୋକ ସଭା ଆସନ ପାଇଁ ଭାଜପାରୁ ସେ ପ୍ରାର୍ଥୀ ହୋଇଥିଲେ। ଏଥର ନିର୍ବାଚନରେ ତାଙ୍କୁ ଟିକେଟରୁ ବଞ୍ଚିତ କରାଯାଇଥିବାରୁ ସେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ।

# ଘର ଘର ବୁଲି କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର



ଚୂଡ଼ାମଣି ଆଡ଼ିଆରେ ପ୍ରଚାର ବେଳେ ସମର୍ଥକଙ୍କ ସହ କଂଗ୍ରେସ ପ୍ରାର୍ଥୀ ଅଶୋକ ଦାସ।

**ବାସୁଦେବପୁର, ୨୩।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ଅଶୋକ କୁମାର ଦାସଙ୍କ ପ୍ରଚାର ଜୋରଦାର ହୋଇଛି। ସେ ଦଳୀୟ ସମର୍ଥକଙ୍କ ସହିତ ଘର ଘର ବୁଲି ନିର୍ବାଚନ ପ୍ରଚାର ଚଳାଇଛନ୍ତି। ସ୍ଥାନୀୟ ଅଞ୍ଚଳର ସମସ୍ୟାକୁ ମୁଖ୍ୟ ଅସ୍ତ୍ର କରି ସେ ଲୋକଙ୍କ ପାଖକୁ ଯାଉଛନ୍ତି। ମଙ୍ଗଳବାର କଂଗ୍ରେସ ପକ୍ଷରୁ ଚୂଡ଼ାମଣି ଆଡ଼ିଆ ଅଞ୍ଚଳରେ ପ୍ରଚାର କରାଯାଇଛି। ପ୍ରାର୍ଥୀ ଅଶୋକଙ୍କ ସହିତ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବେହେରା ଓ ଦଳୀୟ କର୍ମୀମାନେ ଚୂଡ଼ାମଣି ପଞ୍ଚାୟତର ୱାର୍ଡ ୱାର୍ଡ ବୁଲି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବାକୁ ନିବେଦନ କରିଥିଲେ। ସେହିପରି ପୌରପାଳିକାର ବିଭିନ୍ନ ୱାର୍ଡରେ ପ୍ରଚାର କରାଯାଇଥିଲା।

# ଭୋଗରାଇରେ ବିଜେଡି ଏମ୍‌ପି ପ୍ରାର୍ଥୀଙ୍କ ପ୍ରଚାର



ବାଇକ୍ ରାଲିରେ ବିଜେଡି ଏମ୍‌ପି ପ୍ରାର୍ଥୀ ଇଂ. ରବୀନ୍ଦ୍ର ଜେନା ଓ ତାଙ୍କ ସମର୍ଥକ।

**ଭୋଗରାଇ, ୨୩।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନ ମଣ୍ଡଳୀରେ ବିଜେଡିର ଏମ୍‌ପି ପ୍ରାର୍ଥୀଙ୍କ ମାରାଥନ୍ ରାଜନୈତିକ ବାତାବରଣକୁ ଉଷ୍ମ କରିଛି। ବିଜେଡି ଏମ୍‌ପି ପ୍ରାର୍ଥୀ ଇଂ. ରବୀନ୍ଦ୍ର କୁମାର ଜେନା ସୋମବାର ଗବଗାଁ ଏବଂ ଦାହୁଣଦା ପଞ୍ଚାୟତକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଜନହିତକର କାର୍ଯ୍ୟ ସମ୍ପର୍କରେ ଭୋଟରଙ୍କୁ ଅବଗତ କରାଇଛନ୍ତି। ସୁନାର ଓଡ଼ିଶା ଗଢ଼ିବା ନିମନ୍ତେ ପୁଣି ଥରେ ବିଜେଡିକୁ ଭୋଟ୍ ଦେବାକୁ ଜନସାଧାରଣଙ୍କୁ ସେ ନିବେଦନ କରିଛନ୍ତି। ୧୯ବର୍ଷର ରାଜ୍ୟ ସରକାର ବାଲେଶ୍ୱରବାସୀଙ୍କ ପାଇଁ ବହୁ ଉନ୍ନୟନମୂଳକ ଯୋଜନାରେ କାମ କରିଛନ୍ତି। ଉକ୍ତ ଅଞ୍ଚଳରେ ହେବାକୁ ଯାଉଥିବା ସୁବର୍ଣ୍ଣରେଖା ବନ୍ଦର ସମ୍ପୂର୍ଣ୍ଣ ହେଲେ ବାଲେଶ୍ୱର ଜିଲା ରାଜ୍ୟରେ ଏକ ବାଣିଜ୍ୟ ପେଣ୍ଠସ୍ଥଳୀ ହେବ। ୫୭୮୨.୬୫ କୋଟି ଟଙ୍କାର ନିର୍ମିତ ଏହି ବନ୍ଦର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ୧୨ହଜାର ନିଯୁକ୍ତି ସୃଷ୍ଟି କରିବ। ଜିଲାର ଅର୍ଥନୈତିକ ବିକାଶ କେବଳ ରାଜ୍ୟ ସରକାରଙ୍କ ଦ୍ୱାରା ସମ୍ଭବ ବୋଲି ଏମ୍‌ପି ପ୍ରାର୍ଥୀ ରବୀନ୍ଦ୍ର କହିଛନ୍ତି। ତେଣୁ ଭୋଗରାଇବାସୀ ବିଜେଡି ପ୍ରାର୍ଥୀଙ୍କୁ ବହୁମତରେ ଭୋଟ ଦେବା ଲାଗି ଆବେଦନ କରିଥିଲେ।

## ■ ମୟୂରଭଞ୍ଜ ଜିଲାରେ ପ୍ରଚାର ତାତି
# ୨ ଦିନ ରୋଡ ଶୋ କରିବେ ମୁଖ୍ୟମନ୍ତ୍ରୀ

**ଜଗନ୍ନାଥ ମନ୍ଦିର ଯାଇ ଠାକୁରଙ୍କୁ ଦର୍ଶନ କରିବେ**

**ବାରିପଦା ଅଫିସ,୨୩।୪**

ମଙ୍ଗଳବାର ତୃତୀୟ ପର୍ଯ୍ୟାୟ ନିର୍ବାଚନ ସରିବା ପରେ ଏବେ ଫୋକସରେ ଆସନ୍ତା ୨୯ ତାରିଖ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ। ଭୋଟ ଗ୍ରହଣ ଦିନ ପାଖେଇ ଆସୁଥିବାରୁ ମୟୂରଭଞ୍ଜ ଜିଲାରେ ବିଭିନ୍ନ ଦଳ ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶାଶକ ବିଜେଡିର ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ପାଇଁ ବିଜେଡି ରାଜ୍ୟ ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଓ ଗୁରୁବାର ଦୁଇ ଦିନ ବାରିପଦାରେ ଗସ୍ତରେ ଆସୁଛନ୍ତି ବୋଲି ମଙ୍ଗଳବାର ବାରିପଦା ସହରର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଦଳ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି।

ମୁଖ୍ୟମନ୍ତ୍ରୀ ବୁଧବାର ବାଲେଶ୍ୱରରେ ପ୍ରଚାର କରିବା ପରେ ସନ୍ଧ୍ୟା ୫ ଟା ବେଳେ ଆସି ହାଇଟେକ୍ ବସ ଯୋଗେ ବୈଶିଙ୍ଗାଠାରୁ ମାଣତ୍ରୀ, ବଡସାହି, ଡୁକୁରା, ସାନକେରକୋ ଦେଇ ବାରିପଦା ସହର ପର୍ଯ୍ୟନ୍ତ ରୋଡ ଶୋ' କରିବେ। ପରେ ସନ୍ଧ୍ୟା ୭ ଟା ବେଳେ ବାରିପଦା ସହରର କୃଷ୍ଣଚନ୍ଦ୍ର ଗୋଲେଇ, ଟ୍ରାଫିକ ଛକ , ବିଜୁ ପଟ୍ଟନାୟକ ଛକ, ଷ୍ଟାଡିୟମ ଗୋଲେଇ, ଭପୁର, ମୁର୍ଗାବାଡି, ଦୋରୋଗାଡାହି, ପାଳବଣି ଦେଇ ସର୍କିଟ ହାଉସ ପର୍ଯ୍ୟନ୍ତ ରୋଡ ଶୋ' କରାଯିବ। ମୁଖ୍ୟମନ୍ତ୍ରୀ ରାତି ୯ ଟା ବେଳକୁ ବାରିପଦା ସର୍କିଟ ହାଉସକୁ ଯାଇ ସେଠାରେ ରାତ୍ରୀ ଯାପନ କରିବେ। ଗୁରୁବାର ସକାଳ ୯ ଟା ୪୦ମିନିଟ୍ ବେଳେ ସେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଜଗନ୍ନାଥ ମନ୍ଦିରକୁ ଯାଇ ଠାକୁରଙ୍କୁ ଦର୍ଶନ କରିବେ। ପରେ ଷ୍ଟାଡିୟମ ହେଲିପ୍ୟାଡରୁ ହେଲିକେପ୍ଟର ଯୋଗେ ଉଦଳା ନିର୍ବାଚନ ମଣ୍ଡଳୀର କପ୍ତିପଦା ବ୍ଲକ ଅଧୀନ କରପଡା ଯାଇ ପ୍ରଚାର ସଭାରେ ଉଦବୋଧନ ଦେବେ। ସେଠାରୁ ମୋରଡା ନିର୍ବାଚନ ମଣ୍ଡଳୀର ଚିତ୍ରଡା, ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର କଳାବାଡିଆ, ସାରସକଣା ନିର୍ବାଚନ ମଣ୍ଡଳୀର ବାଧୁନିଆ ଏବଂ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ମହୁଲଡିହା ଯାଇ ସାଧାରଣ ସଭାରେ ଯୋଗ ଦେବେ। ଅପରାହ୍ଣ ୨ ଟା ୧୫ ରେ ରାଇରଙ୍ଗପୁରରେ ବସ୍ ଯୋଗେ ମୁଖ୍ୟମନ୍ତ୍ରୀ ରୋଡ ଶୋ' କରିବା କାର୍ଯ୍ୟକ୍ରମ ରହିଛି।

ଏହାପରେ ସେ ହେଲିକେପ୍ଟର ଯୋଗେ ଯଶିପୁର ନିର୍ବାଚନ ମଣ୍ଡଳୀର ନଦୀ ସାହିରେ ଆୟୋଜିତ ପ୍ରଚାର କାର୍ଯ୍ୟକ୍ରମରେ ଯୋଗ ଦେଇ ଭୁବନେଶ୍ୱର ଫେରିଯିବେ ବୋଲି ଦଳର ପର୍ଯ୍ୟବେକ୍ଷକ ତଥା ବିଧାୟକ ପ୍ରିୟଦର୍ଶୀ ମିଶ୍ର ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଓ ପ୍ରଚାର କାର୍ଯ୍ୟକ୍ରମ ନେଇ ଦଳ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ଏଥର ନିର୍ବାଚନରେ ଜିଲାର ୯ ବିଧାନସଭା ଆସନ ଓ ଗୋଟିଏ ଲୋକସଭା ଆସନରେ ଦଳ ୨୦୧୪ ନିର୍ବାଚନର ଫଳାଫଳ ଦୋହରାଇବ ବୋଲି ମିଶ୍ର କହିଛନ୍ତି। ଦଳର ପକ୍ଷରୁ ପ୍ରତି ଗ୍ରମାଞ୍ଚଳକୁ ଯାଇ ଭୋଟରମାନଙ୍କ ସହିତ ଆଲୋଚନା କରାଯାଉଛି। ବିଭିନ୍ନ କାର୍ଯ୍ୟକ୍ରମରେ ମହିଳାଙ୍କ ସମ୍ପୃକ୍ତିକୁ ଗୁରୁତ୍ୱ ଦିଆଯାଉଥିବାରୁ ଭୋଟରମାନଙ୍କ ମଧ୍ୟରେ ଉତ୍ସାହ ରହିଛି ବୋଲି ମିଶ୍ର କହିଥିଲେ। ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଦେବାଶିଶ ମହାନ୍ତି, ଜିଲା ଯୁବ ସଭାପତି ଜିତେନ୍ଦ୍ର ମହାନ୍ତି, ଜିଲା ମହିଳା ସଭାନେତ୍ରୀ ବିଣାପାଣୀ ସାହୁ, ଉତ୍ତର ଓଡିଶା ଯୁବ ବିଜେଡି ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବାରିପଦା ବିଧାନସଭା ପ୍ରାର୍ଥୀ ସରୋଜିନୀ ହେମ୍ବ୍ରମ ଓ ଲୋକସଭା ପ୍ରାଥୀ ଡା. ଦେବାଶିଶ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡିର ପ୍ରାର୍ଥୀ ଓ ନେତୃବୃନ୍ଦ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଦିନକ ପୂର୍ବରୁ ବନ୍ଧୁକଧାରୀ ଗିରଫ ହେବା ନେଇ ଚର୍ଚ୍ଚା

**ବାରିପଦା ଅଫିସ,୨୩।୪:** ବାରିପଦା ସହରର ଜନଗହଳି ପୂର୍ଣ୍ଣ ଗାନ୍ଧୀ ପାର୍କରୁ ବାରିପଦା ଟାଉନ ପୋଲିସ ଜଣେ ବନ୍ଧୁକଧାରୀ ଯୁବକଙ୍କୁ ଗିରଫ କରିବା ପରେ ଏହି ଗ୍ୟାଙ୍ଗର ଆଉ ଜଣେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଘଟଣାରେ ସୁରକ୍ଷା ପ୍ରଶ୍ନ ନେଇ ସହରରେ ନାନା ଆଲୋଚନା ହେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ମୟୂରଭଞ୍ଜ ଜିଲାକୁ ଦୁଇ ଦିନିଆ ଗସ୍ତରେ ଆସିବାର ଦିନକ ପୂର୍ବରୁ ସନ୍ଦିଗ୍ଧ ଅପରାଧୀମାନେ କିଭଳି ବାରିପଦା ସହରକୁ ପ୍ରବେଶ କଲେ ସେ ନେଇ ବିଭିନ୍ନ ମହଲରୁ ପ୍ରଶ୍ନ ଉଠିଛି। ବର୍ତ୍ତମାନ ନିର୍ବାଚନ ପରିପ୍ରେକ୍ଷୀରେ ଠିକ ଭାବେ କାର୍ଯ୍ୟ କରୁ ନ ଥିବା ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗ ସଚେତନ ନାଗରିକ ମଞ୍ଚର ଆବାହକ ଯଯାତି ମହାନ୍ତ ଏସପିଙ୍କ ନିକଟରେ ଦାବି କରିଛନ୍ତି। ବାରିପଦା ପୋଲିସ ଅପରାଧୀଙ୍କୁ ଧରିବାରେ ପୁରା ବିଫଳ ହୋଇଛି ବୋଲି ସେ ଗଣମାଧ୍ୟମ ନିକଟରେ ଅଭିଯୋଗ କରିଛନ୍ତି। ଗତ କିଛି ଦିନ ହେବ ଚୋରି, ଡକାୟତି ଭଳି ଘଟଣା ବଢିଥିବାରୁ ଏହା ପୋଲିସର ଅପାରଗତାକୁ ପଦାରେ ପକାଇଛି ବୋଲି ସେ କହିଛନ୍ତି।

# ଆଜି ଭାଜପା ଓ ଜେଏମଏମ ହେଭିଓ୍ୱେଟଙ୍କ ପ୍ରଚାର

**ରାଇରଙ୍ଗପୁର,୨୩।୪(ଡି.ଏନ.ଏ.):** ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଲାଗିବୁଧବାରରାଇରଙ୍ଗପୁରନିର୍ବାଚନମଣ୍ଡଳୀକୁଭାଜପାଓଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ହେଭିଓ୍ୱେଟ ନେତା ପ୍ରଚାରରେ ଆସିବେ ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି। ଭାଜପା ପକ୍ଷରୁ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀ ବହଳଦା ବ୍ଲକ ଅନ୍ତର୍ଗତ ଜାରିଡାଣ୍ଡୀ, ସାରସକଣା ନିର୍ବାଚନମଣ୍ଡଳୀ ଅଧୀନ ବିଜାତଳା ବ୍ଲକର ରାଇହରି ଅଞ୍ଚଳ ଓ ଯଶିପୁର ନିର୍ବାଚନମଣ୍ଡଳୀକୁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ପାଇଁ ଆସିବେ। ସେହିପରି ଜେଏମଏମ ପକ୍ଷରୁ ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଦଳୀୟ ଲୋକସଭା ପ୍ରାର୍ଥିନୀ ଅଞ୍ଜଳି ସୋରେନଙ୍କ ସମେତ ଦଳୀୟ ବିଧାୟକ ପ୍ରାର୍ଥୀଙ୍କ ସକାଶେ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଯାମଦା ବ୍ଲକ ଡୁମୁରିଆକୁ ନିର୍ବାଚନ ପ୍ରଚାର ଲାଗି ଅସୁଥିବା ଜଣାପଡିଛି।

